# PAPER-III
# ODIA

**Signature and Name of Invigilator**

1. (Signature) ____________________________
   (Name) ____________________________
2. (Signature) ____________________________
   (Name) ____________________________

OMR Sheet No. : ..............................................
(To be filled by the Candidate)

Roll No. | | | | | | | | |
(In figures as per admission card)

Roll No.____________________________
(In words)

| J | 2 | 3 | 1 | 3 |
|---|---|---|---|---|

Time : 2 $^1/_2$ hours] [Maximum Marks : **150**

Number of Pages in this Booklet : **12** Number of Questions in this Booklet : **75**

## Instructions for the Candidates

1. Write your roll number in the space provided on the top of this page.
2. This paper consists of seventy five multiple-choice type of questions.
3. At the commencement of examination, the question booklet will be given to you. In the first 5 minutes, you are requested to open the booklet and compulsorily examine it as below :
   (i) To have access to the Question Booklet, tear off the paper seal / polythene bag on the booklet. Do not accept a booklet without sticker-seal / without polythene bag and do not accept an open booklet.
   (ii) **Tally the number of pages and number of questions in the booklet with the information printed on the cover page. Faulty booklets due to pages/questions missing or duplicate or not in serial order or any other discrepancy should be got replaced immediately by a correct booklet from the invigilator within the period of 5 minutes. Afterwards, neither the Question Booklet will be replaced nor any extra time will be given.**
   (iii) After this verification is over, the OMR Sheet Number should be entered on this Test Booklet.
4. Each item has four alternative responses marked (A), (B), (C) and (D). You have to darken the circle as indicated below on the correct response against each item.
   **Example :** Ⓐ Ⓑ ● Ⓓ
   where (C) is the correct response.
5. Your responses to the items are to be indicated in the **OMR Sheet given inside the Booklet only.** If you mark at any place other than in the circle in the OMR Sheet, it will not be evaluated.
6. Read instructions given inside carefully.
7. Rough Work is to be done in the end of this booklet.
8. If you write your Name, Roll Number, Phone Number or put any mark on any part of the OMR Sheet, except for the space allotted for the relevant entries, which may disclose your identity, or use abusive language or employ any other unfair means, you will render yourself liable to disqualification.
9. You have to return the original OMR Sheet to the invigilators at the end of the examination compulsorily and must not carry it with you outside the Examination Hall. You are however, allowed to carry duplicate copy of OMR Sheet on conclusion of examination.
10. **Use only Blue/Black Ball point pen.**
11. **Use of any calculator or log table etc., is prohibited.**
12. **There is no negative marks for incorrect answers.**

## परीक्षार्थियों के लिए निर्देश

1. पहले पृष्ठ के ऊपर नियत स्थान पर अपना रोल नम्बर लिखिए ।
2. इस प्रश्न-पत्र में पचहत्तर बहुविकल्पीय प्रश्न हैं ।
3. परीक्षा प्रारम्भ होने पर, प्रश्न-पुस्तिका आपको दे दी जायेगी । पहले पाँच मिनट आपको प्रश्न-पुस्तिका खोलने तथा उसकी निम्नलिखित जाँच के लिए दिये जायेंगे, जिसकी जाँच आपको अवश्य करनी है :
   (i) प्रश्न-पुस्तिका खोलने के लिए पुस्तिका पर लगी कागज की सील / पोलिथीन बैग को फाड़ लें । खुली हुई या बिना स्टीकर-सील / बिना पोलिथीन बैग की पुस्तिका स्वीकार न करें ।
   (ii) **कवर पृष्ठ पर छपे निर्देशानुसार प्रश्न-पुस्तिका के पृष्ठ तथा प्रश्नों की संख्या को अच्छी तरह चैक कर लें कि ये पूरे हैं । दोषपूर्ण पुस्तिका जिनमें पृष्ठ/प्रश्न कम हों या दुबारा आ गये हों या सीरियल में न हों अर्थात् किसी भी प्रकार की त्रुटिपूर्ण पुस्तिका स्वीकार न करें तथा उसी समय उसे लौटाकर उसके स्थान पर दूसरी सही प्रश्न-पुस्तिका ले लें । इसके लिए आपको पाँच मिनट दिये जायेंगे । उसके बाद न तो आपकी प्रश्न-पुस्तिका वापस ली जायेगी और न ही आपको अतिरिक्त समय दिया जायेगा ।**
   (iii) इस जाँच के बाद OMR पत्रक की क्रम संख्या इस प्रश्न-पुस्तिका पर अंकित कर दें ।
4. प्रत्येक प्रश्न के लिए चार उत्तर विकल्प (A), (B), (C) तथा (D) दिये गये हैं । आपको सही उत्तर के वृत्त को पेन से भरकर काला करना है जैसा कि नीचे दिखाया गया है ।
   **उदाहरण** : Ⓐ Ⓑ ● Ⓓ जबकि (C) सही उत्तर है ।
5. प्रश्नों के उत्तर **केवल प्रश्न पुस्तिका के अन्दर दिये गये OMR पत्रक पर ही** अंकित करने हैं । यदि आप OMR पत्रक पर दिये गये वृत्त के अलावा किसी अन्य स्थान पर उत्तर चिह्नांकित करते हैं, तो उसका मूल्यांकन नहीं होगा ।
6. अन्दर दिये गये निर्देशों को ध्यानपूर्वक पढ़ें ।
7. कच्चा काम (Rough Work) इस पुस्तिका के अन्तिम पृष्ठ पर करें ।
8. यदि आप OMR पत्रक पर नियत स्थान के अलावा अपना नाम, रोल नम्बर, फोन नम्बर या कोई भी ऐसा चिह्न जिससे आपकी पहचान हो सके, अंकित करते हैं अथवा अभद्र भाषा का प्रयोग करते हैं, या कोई अन्य अनुचित साधन का प्रयोग करते हैं, तो परीक्षा के लिये अयोग्य घोषित किये जा सकते हैं ।
9. आपको परीक्षा समाप्त होने पर मूल OMR पत्रक निरीक्षक महोदय को लौटाना आवश्यक है और परीक्षा समाप्ति के बाद उसे अपने साथ परीक्षा भवन से बाहर न लेकर जायें । हालांकि आप परीक्षा समाप्ति पर OMR पत्रक की डुप्लीकेट प्रति अपने साथ ले जा सकते हैं ।
10. **केवल नीले/काले बाल प्वाईंट पेन का ही इस्तेमाल करें ।**
11. **किसी भी प्रकार का संगणक (कैलकुलेटर) या लाग टेबल आदि का प्रयोग वर्जित है ।**
12. **गलत उत्तरों के लिए कोई अंक काटे नहीं जाएँगे ।**

## ODIA
ଓଡ଼ିଆ

## Paper – III
ପ୍ରଶ୍ନପତ୍ର – III

**Note :** This paper contains **seventy five (75)** objective type questions of **two (2)** mark each. **All** questions are compulsory.

**ନିର୍ଦ୍ଦେଶ :** ଏହି ପତ୍ରରେ **ପଞ୍ଚସ୍ତରୀ (75)** ଟି ବିବିଧ ପସନ୍ଦ ଭିତ୍ତିକ ପ୍ରଶ୍ନ ରହିଛି । ପ୍ରତ୍ୟେକ ପ୍ରଶ୍ନର ମୂଲ୍ୟାଙ୍କ **ଦୁଇ (2)** । **ସମସ୍ତ** ପ୍ରଶ୍ନର ଉତ୍ତର ଦେବା ବାଧ୍ୟତାମୂଳକ ।

**1.** 'କାଇଦା' କି ଧରଣର ଶବ୍ଦ ?

(A) ଆରବିକ (B) ପାରସୀକ

(C) ପର୍ତ୍ତୁଗୀଜ (D) ଦେଶଜ

**2.** 'ମଧୁବନ' ଶବ୍ଦର ଅର୍ଥ କ'ଣ ?

(A) କାଉ (B) ବୃକ୍ଷ

(C) କୋକିଳ (D) ନାରିକେଳ

**3.** 'ବାଲିମାଟି' କି ପ୍ରକାର ସମାସ ?

(A) ଦ୍ୱନ୍ଦ୍ୱ

(B) ଦ୍ୱିଗୁ

(C) ତତ୍ପୁରୁଷ

(D) ମଧ୍ୟପଦ ଲୋପୀ କର୍ମ ଧାରଯ୍

**4.** 'ଭୁବନେଶ୍ୱର ଶିଳାଲିପି' କେଉଁ ରାଜାଙ୍କ ନାମ ସହିତ ଜଡ଼ିତ ?

(A) କପିଳେନ୍ଦ୍ର ଦେବ

(B) ନରସିଂହ ଦେବ

(C) ଭାନୁ ଦେବ

(D) ଧର୍ମରାଜ ଦେବ

**5.** 'ମ' କେଉଁ ଧରଣର ବର୍ଣ୍ଣ ?

(A) ଦନ୍ତ୍ୟ (B) ମୂର୍ଦ୍ଧନା

(C) ତାଲବ୍ୟ (D) ନାସିକ୍ୟ

**6.** 'ସାପ ମରିବ ନାହିଁ କି ବାଡ଼ି ଭାଙ୍ଗିବ ନାହିଁ' ରେ କି ଭାବ ବ୍ୟଞ୍ଜିତ ହୋଇଛି ?

(A) କୌଶଳ (B) ଅହଙ୍କାର

(C) ଅହିଂସା (D) ଶୃଂଖଳା

**7.** କେଉଁଟି ଉତ୍ତର ଓଡ଼ିଶାରେ ପ୍ରଚଳିତ ?

(A) ଦଧି ନାଟ

(B) ଦଣ୍ଡ ନାଟ

(C) ଦେଶିଆ ନାଟ

(D) ପ୍ରହ୍ଲାଦ ନାଟ

**8.** ଏହା ମଧ୍ୟରୁ କେଉଁଟି ପାଲା ନୁହେଁ ?

(A) ବାଦି ପାଲା

(B) ଲଳିତା ପାଲା

(C) ବୈଠକୀ ପାଲା

(D) ଠିଆ ପାଲା

**9.** ଷ୍ଟିଥ ଥମ୍ପସନଙ୍କ ମତରେ 'ମୋଟିଫ' କେତେ ପ୍ରକାରର ?

(A) ୩୨ (B) ୨୩

(C) ୧୩ (D) ୩୧

**10.** 'କଥା ଲହରୀ' ସଂକଳନର ମୁଖବନ୍ଧ ଲେଖକ କିଏ ?

(A) ବ୍ରଜସୁନ୍ଦର ଦାସ

(B) ତାରିଣୀ ଚରଣ ରଥ

(C) ମଧୁସୂଦନ ରାଓ

(D) ବିକ୍ରମଦେବ ବର୍ମା

**11.** ନିମ୍ନ ଗଦ୍ୟାଂଶଟି କେଉଁ ଗ୍ରନ୍ଥରୁ ଆସିଛି ?

"କଇଁ ବନେ ରସିଲା ଭ୍ରମରେ ପଦ୍ମବନକୁ ଗମିଲେ । କୁମୁଦ ପରାଗେ ଧୂସର ହୁଅନ୍ତେ ଭ୍ରମରନ୍ତୁ ଦେଖି ପ୍ରାତବାତେ କମ୍ପିଲା ପଦ୍ମେ ନାହିଁ, ନାହିଁ କଲା ପ୍ରାୟେ ଦିଶିଲେ ।"

(A) ରୁଦ୍ର ସୁଧାନିଧି

(B) ଚତୁର ବିନୋଦ

(C) ସୋମନାଥବ୍ରତ କଥା

(D) ସୀସୁବେଦ

**12.** 'ଚର୍ଯ୍ୟାଗୀତିକା'ର ସଂପାଦକ କିଏ ?

(A) କରୁଣାକର କର

(B) ଖଗେଶ୍ୱର ମହାପାତ୍ର

(C) ବଂଶୀଧର ମହାନ୍ତି

(D) ଦୋଳଗୋବିନ୍ଦ ଶାସ୍ତ୍ରୀ

**13.** 'ରୁଦ୍ର ସୁଧାନିଧି' ଗ୍ରନ୍ଥରେ ଅଭିନବ ଚୈତନ୍ୟ କେତୋଟି ବର୍ଣ୍ଣରେ ଶିବସ୍ତୁତି କରିଛି ।

(A) ୩୦ (B) ୪୦

(C) ୫୦ (D) ୬୦

**14.** 'ନାବକେଳି' କାହାର ରଚନା ?

(A) ହଳଧର ଦାସ

(B) ଦୀନକୃଷ୍ଣ ଦାସ

(C) ତ୍ରିଲୋଚନ ଦାସ

(D) ବିଷ୍ଣୁ ଦାସ

**15.** ଉପେନ୍ଦ୍ରଭଞ୍ଜଙ୍କ କେଉଁ ଗ୍ରନ୍ଥରେ ତାଙ୍କ ରଚନାବଳୀର ସୂଚନା ପ୍ରଦତ୍ତ ?

(A) ବୈଦେହୀଶ ବିଳାସ

(B) ଚିତ୍ରକାବ୍ୟ ବନ୍ଧୋଦୟ

(C) ଛାନ୍ଦ ଭୂଷଣ

(D) ଲାବଣ୍ୟବତୀ

**16.** ସଦାନନ୍ଦ କବିସୂର୍ଯ୍ୟ ବ୍ରହ୍ମାଙ୍କର ଆଦ୍ୟନମ କ'ଣ ଥିଲା ?

(A) ବିପ୍ରଚରଣ ଦାସ

(B) ଅନାଦିଚରଣ ଦାସ

(C) ସାଧୁଚରଣ ଦାସ

(D) ବୈଷ୍ଣବଚରଣ ଦାସ

**17.** 'ଓଗାଳ' ସହିତ କେଉଁ ଧର୍ମାଚାର ସଂପୃକ୍ତ ?

(A) ଶାକ୍ତ (B) ଶୈବ

(C) ବୈଷ୍ଣବ (D) ଅଲେଖ

18. 'ନିର୍ମଳ କବିତ୍ୱ' ପଦଟି କେଉଁ କବିଙ୍କ ଦ୍ୱାରା ପ୍ରଯୁକ୍ତ ?
(A) ଉପେନ୍ଦ୍ର ଭଞ୍ଜ
(B) ଅଭିମନ୍ୟୁ
(C) ଭକ୍ତଚରଣ
(D) ଦୀନକୃଷ୍ଣ

19. 'ପଦାବଳୀ' ସାହିତ୍ୟର ପ୍ରାଥମିକ ଧର୍ମ କ'ଣ ?
(A) ସାଙ୍ଗୀତିକତା
(B) ଧର୍ମବୋଧ
(C) ରସଚେତନା
(D) ଶବ୍ଦ ଚାତୁର୍ଯ୍ୟ

20. 'ସମର ତରଙ୍ଗ' କାବ୍ୟରେ କେଉଁ ରାଜାଙ୍କର ପ୍ରଶସ୍ତି ଗାନ କରାଯାଇଛି ?
(A) ତ୍ରିଭୁବନ ସିଂହ
(B) ମାଧବ ସିଂହ
(C) ତ୍ରିଲୋଚନ ସିଂହ
(D) ଦିବ୍ୟ ସିଂହ

21. 'କ' ସ୍ତମ୍ଭ ସହିତ 'ଖ' ସ୍ତମ୍ଭର ସଂପର୍କ ସ୍ଥାପନ କର ।

| **'କ' ସ୍ତମ୍ଭ** | **'ଖ' ସ୍ତମ୍ଭ** |
|---|---|
| (a) ପ୍ରେମଶୀଳା | (i) ବିଷ୍ଣୁଦାସ |
| (b) ପ୍ରେମଲୋଚନା | (ii) ଭୂପତି ପଣ୍ଡିତ |
| (c) ପ୍ରେମ ସୁଧାନିଧି | (iii) କୁଞ୍ଜବିହାରୀ ଭ୍ରମରବର |
| (d) ପ୍ରେମ ପଞ୍ଚାମୃତ | (iv) ଉପେନ୍ଦ୍ର ଭଞ୍ଜ |

| | (a) | (b) | (c) | (d) |
|---|---|---|---|---|
| (A) | (i) | (ii) | (iii) | (iv) |
| (B) | (iv) | (iii) | (ii) | (i) |
| (C) | (ii) | (iv) | (i) | (iii) |
| (D) | (iii) | (i) | (iv) | (ii) |

22. 'ରୀତି'ର ଲକ୍ଷଣ କେଉଁଟି ନୁହେଁ ?
(A) କଳ୍ପନା ବିଳାସ
(B) ଶବ୍ଦ ପାଣ୍ଡିତ୍ୟ
(C) ଶୃଙ୍ଗାରିକତା
(D) ଆଳଙ୍କାରିକତା

23. କେଉଁ କବିଙ୍କ ଦ୍ୱାରା ଗଦ୍ୟ ମଧ୍ୟ ରଚିତ ?
(A) କବିସୂର୍ଯ୍ୟ (B) କବି ସମ୍ରାଟ
(C) ବିଦଗ୍ଧ କବି (D) ଚକ୍ରବାକ୍

24. 'ଝମକ ଗୀତା'ର ଲେଖକ କିଏ ?
(A) ଜୀରା ଦେଈ
(B) ଦଣ୍ଡୀ ମହାଦେଈ
(C) ମାଧବୀ ଦାସୀ
(D) ସୁଲକ୍ଷଣା ଦେବୀ

25. 'ଓଲଟ ଚଉତିଶା'ର ମୌଳିକ ଧର୍ମ କ'ଣ ?
(A) ସ୍ୱର ବର୍ଣ୍ଣର ଅନୁକ୍ରମରେ ରଚିତ
(B) ବ୍ୟଞ୍ଜନ ବର୍ଣ୍ଣର ଅନୁକ୍ରମରେ ରଚିତ
(C) ସ୍ୱର ବର୍ଣ୍ଣର ବିଲୋମ କ୍ରମରେ ରଚିତ
(D) ବ୍ୟଞ୍ଜନ ବର୍ଣ୍ଣର ବିଲୋମ କ୍ରମରେ ରଚିତ

26. ରାଧା ପ୍ରଧାନଙ୍କର ପ୍ରଥମ ଓଡ଼ିଆ କାବ୍ୟ କେଉଁଟି ?
(A) ବିଦଗ୍ଧ ଚିନ୍ତାମଣି
(B) ରସ କଲ୍ଲୋଳ
(C) ରହସ୍ୟ ମଞ୍ଜରୀ
(D) କଳା କଉତୁକ

27. ‘ମତ୍ତ’ ଶବ୍ଦଟି କେଉଁ କବିଙ୍କ ନାମ ପୂର୍ବରୁ ଲାଗେ ?

(A) ଜଗନ୍ନାଥ ଦାସ

(B) ପୀତାମ୍ବର ଦାସ

(C) ବଳରାମ ଦାସ

(D) ଅଚ୍ୟୁତାନନ୍ଦ ଦାସ

28. ‘ସଂହିତା’ର ଅର୍ଥ କ’ଣ ?

(A) ସଂଗୃହୀତ

(B) ସକଳ ରହିତ

(C) ଧର୍ମ

(D) ଗୀତାସାର

29. ‘ଦଶପୋଇ’ର ସମୁଦାୟ ପାଦ ସଂଖ୍ୟା କେତେ ?

(A) ଦଶ

(B) ଶହେ

(C) ଚାଳିଶ

(D) ଶହେ ଚାଳିଶ

30. ବୈଷ୍ଣବ ଚିନ୍ତନରେ ସମନ୍ୱୟଧର୍ମୀ କାବ୍ୟ କେଉଁଟି ?

(A) ଅମ୍ବିକା ବିଳାସ

(B) ବିଦଗ୍ଧଚିନ୍ତାମଣି

(C) ରସପଞ୍ଚକ

(D) ରସକଲ୍ଲୋଳ

31. “ତାହାକୁ ବୋଲି ଚକ୍ରି ଚକ୍ର ଥିବାରୁ ଚକ୍ରୀ ତୁମ୍ଭେତ ବୋଲାଅ ଜଗତେ” – ଏହି ପଦ୍ୟାଂଶରେ କେଉଁ ଯୋଡ଼ିକୁ ନିର୍ଦ୍ଦିଷ୍ଟ କରାଯାଇଛି ?

(A) ଜଗନ୍ନାଥ ଓ ସର୍ପ

(B) କୁମ୍ଭକାର ଓ ସର୍ପ

(C) ସୁଦର୍ଶନ ଓ ସର୍ପ

(D) କମଳନୟନ ଓ ସର୍ପ

32. ‘ଲାବଣ୍ୟବତୀ’ର ପୂର୍ବ ଜନ୍ମରେ ନାମ କ’ଣ ଥିଲା ?

(A) ବାଞ୍ଛାବତୀ

(B) ଭାବବତୀ

(C) ଲୀଳାବତୀ

(D) କଳାବତୀ

33. “ସ୍ୱରେ ଦେଇ ବନ୍ଧୁ ନଯାରେ” – କବିତାଟି କାହାର ସୃଷ୍ଟି ?

(A) ଦୀନକୃଷ୍ଣ

(B) ଗୋପାଳ କୃଷ୍ଣ

(C) ବନମାଳୀ

(D) ଭକ୍ତଚରଣ

34. ନିମ୍ନଲିଖିତ କେଉଁ କାବ୍ୟର ପ୍ରତ୍ୟେକ ପଦ ଦ୍ୱିଅର୍ଥ ବିଶିଷ୍ଟ ?

(A) ରସନିଧି

(B) ପ୍ରବନ୍ଧ ପୂର୍ଣ୍ଣଚନ୍ଦ୍ର

(C) ରସ ଲହରୀ

(D) ସୁଭଦ୍ରା ପରିଣୟ

**35.** କେଉଁଟି 'ମାଦଳା ପାଞ୍ଜି'ର ସମଧର୍ମା ରଚନା ?

(A) ବୃହତ୍ କଥା

(B) ଥେରି ଗାଥା

(C) ରାଜ ତରଙ୍ଗିଣୀ

(D) ଧର୍ମ୍ମପଦ

**36.** ଶବ୍ଦର କେଉଁ ଶକ୍ତି ଉତ୍ତମ କାବ୍ୟର ବିଧାୟକ ?

(A) ବ୍ୟଞ୍ଜନା

(B) ଅଭିଧା

(C) ଲକ୍ଷଣା

(D) କୌଣସିଟି ନୁହେଁ

**37.** ସମାସ ରହିତ ଶୈଳୀର ନାମ କ'ଣ ?

(A) ଉତ୍କଳିକା (B) ଚୂର୍ଣ୍ଣକ

(C) ବୃତ୍ତଗନ୍ଧି (D) ମୁକ୍ତକ

**38.** ଶୃଙ୍ଗାର ରସର ବିରୋଧୀ ରସ କିଏ ?

(A) ବାତ୍ସଲ୍ୟ (B) ହାସ୍ୟ

(C) ଭୟାନକ (D) ଶାନ୍ତ

**39.** 'ବୈଦର୍ଭୀ ରୀତି' କେଉଁ ଗୁଣ ଯୁକ୍ତ ?

(A) ଓଜଃ

(B) ମାଧୁର୍ଯ୍ୟ

(C) ପ୍ରସାଦ

(D) କେଉଁଟି ନୁହେଁ

**40.** 'ରୀତିରାତ୍ମା କାବ୍ୟସ୍ୟ' କାହାର ଉକ୍ତି ?

(A) ଭାମହ (B) ବିଶ୍ୱନାଥ

(C) ବାମନ (D) ଭରତ

**41.** କେଉଁ ଧର୍ମରେ କାଷ୍ଠ, ପାଷାଣର ନାରୀ ମୂର୍ତ୍ତିକୁ ସ୍ପର୍ଶ କରିବା ନିଷେଧ ?

(A) ମହିମା ଧର୍ମ

(B) ବହ୍ନାଇ ଧର୍ମ

(C) ବୌଦ୍ଧ ଧର୍ମ

(D) ବୈଷ୍ଣବ ଧର୍ମ

**42.** ଜଗନ୍ନାଥଙ୍କ 'ନାଗାର୍ଜ୍ଜୁନ ବେଶ' କେବେ ହୁଏ ?

(A) ଯୋଡ଼ା ଆଷାଢରେ

(B) ପଞ୍ଚୁକ ଛୁଅ ଦିନରେ

(C) କାର୍ତ୍ତିକ ଅମାବାସ୍ୟାରେ

(D) ଗୋଟିଏ ଦିନରେ ପାଞ୍ଚଟି ଗ୍ରହ ରହିଲେ

**43.** କେଉଁ ଦେବତାଙ୍କ ସ୍ତୁତି 'କୋଟି ବ୍ରହ୍ମାଣ୍ଡ ସୁନ୍ଦରୀ' କାବ୍ୟର ପ୍ରଥମ ଛାନ୍ଦରେ ରହିଛି ?

(A) ରାମଚନ୍ଦ୍ର (B) ସୀତାରାମ

(C) ଶ୍ରୀ ଜଗନ୍ନାଥ (D) ରାମନାରାୟଣ

**44.** 'ନବ ବିଧାନ' କେଉଁ ଧର୍ମ ସହିତ ସଂପୃକ୍ତ ?

(A) ଆର୍ଯ୍ୟ ସମାଜ

(B) ବ୍ରାହ୍ମ ସମାଜ

(C) ଖ୍ରୀଷ୍ଟ ଧର୍ମ

(D) ମହିମା ଧର୍ମ

45. ଜଗନ୍ନାଥଙ୍କୁ 'ପ୍ରଚ୍ଛନ୍ନ ବୌଦ୍ଧ' ରୂପେ କିଏ ଅଭିହିତ କରିଥିଲେ ?

(A) ନାଗେନ୍ଦ୍ର ନାଥବସୁ

(B) ନବୀନକୁମାର ସାହୁ

(C) ନରେନ୍ଦ୍ରନାଥ ମିଶ୍ର

(D) ପ୍ରିୟରଞ୍ଜନ ସେନ

46. 'ଜାତକ'ର କବି କିଏ ?

(A) ଜୀବନାନନ୍ଦ ପାଣି

(B) ପଦ୍ମଚରଣ ପଟ୍ଟନାୟକ

(C) ବେଣୁଧର ରାଉତ

(D) ଗୋବିନ୍ଦ ଦାସ

47. 'କାନ୍ତ ସଙ୍ଗୀତ' ଭାବେ କାହାର ରଚନା ପରିଚିତ ?

(A) ନନ୍ଦକିଶୋର ବଳ

(B) ଚିନ୍ତାମଣି ମହାନ୍ତି

(C) ପଦ୍ମଚରଣ ପଟ୍ଟନାୟକ

(D) ଲକ୍ଷ୍ମୀକାନ୍ତ ମହାପାତ୍ର

48. ଓଡ଼ିଶାର ପ୍ରଥମ ନାରୀ ନାଟ୍ୟକାର କିଏ ?

(A) ବିଦ୍ୟୁତପ୍ରଭା ଦେବୀ

(B) ସୁପ୍ରଭା କର

(C) କୁନ୍ତଳାକୁମାରୀ ସାବତ

(D) ସୀତାଦେବୀ ଖାଡଙ୍ଗା

49. 'ଗୋଟି ଆଳୁ' ର ଲେଖକ କିଏ ?

(A) ଗୋବିନ୍ଦ ତ୍ରିପାଠୀ

(B) ଭୁବନେଶ୍ୱର ବେହେରା

(C) ବସନ୍ତ ଶତପଥୀ

(D) ଗୋପାଳଚନ୍ଦ୍ର ପ୍ରହରାଜ

50. 'ଚିତ୍ର' ସଂକଳନର ରଚୟିତା କିଏ ?

(A) ଦୟାନିଧି ମିଶ୍ର

(B) ଫତୁରା ନନ୍ଦ

(C) ଚନ୍ଦ୍ରଶେଖର ନନ୍ଦ

(D) ବାଞ୍ଛାନିଧି ଦାସ

51. ସାହିତ୍ୟ ଏକାଡେମୀ ପୁରସ୍କାର ପ୍ରାପ୍ତ ସଂକଳନର ନାମ ଲେଖ ।

(A) ପାଂଡୁଲିପି

(B) କବିତା-୧୯୬୨

(C) ପଲ୍ଲୀଶ୍ରୀ

(D) ଭାନୁମତୀର ଦେଶ

52. କେଉଁଟି ଦୀର୍ଘ କବିତା ?

(A) ହିରଣ୍ମୟେନ ରଥେନ

(B) ଶବରୀ

(C) ମାନଚିତ୍ର

(D) ନଈ ଆଉ ମାଛ ହଂସ ଓ ସାରସ

53. ଇଲିୟଟଙ୍କ ପ୍ରଭାବ ପ୍ରସୂତ ରଚନା କିଏ ?

(A) ଚିତ୍ର ନଦୀ (B) କାଳ ପୁରୁଷ

(C) ଅନୁଭାରତ (D) ଅଳକା ସାନ୍ୟାଲ

54. ରବି ପଟ୍ଟନାୟକଙ୍କ ରଚନା କେଉଁଟି ?

(A) ଅନ୍ଧଗଳିର ଅନ୍ଧକାର

(B) ଓ ଅନ୍ଧଗଳି

(C) ଅନ୍ଧ ମହୁମାଛି

(D) ଅନ୍ଧ ମୁହାଣି

55. କେଉଁଟି ଅସଂପୂର୍ଣ୍ଣ ରଚନା ?

(A) ଚିତ୍ରପଟ

(B) ହା ଅନ୍ନ

(C) ଆଜିର ମଣିଷ

(D) ହିଡ଼ମାଟି

56. 'ଶୁଣ ପରୀକ୍ଷ' କି ପ୍ରକାର ରଚନା ?

(A) ସଂପାଦକୀୟ ସଂକଳନ

(B) କବିତା ସଂକଳନ

(C) ଗଳ୍ପ ସଂକଳନ

(D) ଭ୍ରମଣ କାହାଣୀ ସଂକଳନ

57. କାଳାନୁକ୍ରମରେ ସଜାଇ ଲେଖ ।

(A) କାବ୍ୟ ଓ କଳାକାର, ନର କିନ୍ନର, ମନୋଜ ପଞ୍ଚବିଂଶତି, ସିକ୍ରେଟିସ ଓ ପ୍ଲାଟୋ

(B) ସିକ୍ରେଟିସ ଓ ପ୍ଲାଟୋ, ନର କିନ୍ନର, ମନୋଜ ପଞ୍ଚବିଂଶତି, କାବ୍ୟ ଓ କଳାକାର

(C) ନର କିନ୍ନର, କାବ୍ୟ ଓ କଳାକାର, ସିକ୍ରେଟିସ ଓ ପ୍ଲାଟୋ, ମନୋଜ ପଞ୍ଚବିଂଶତି

(D) ମନୋଜ ପଞ୍ଚବିଂଶତି, ସିକ୍ରେଟିସ ଓ ପ୍ଲାଟୋ, ନର କିନ୍ନର, କାବ୍ୟ ଓ କଳାକାର

58. କାଳାନୁକ୍ରମରେ ସଜାଇ ଲେଖ ।

(A) ମାଟି ମଟାଳ, ଦାନାପାଣି, ହରିଜନ, ଅମୃତର ସନ୍ତାନ,

(B) ଦାନାପାଣି, ମାଟି ମଟାଳ, ଅମୃତର ସନ୍ତାନ, ହରିଜନ

(C) ଅମୃତର ସନ୍ତାନ, ହରିଜନ, ମାଟି ମଟାଳ, ଦାନାପାଣି

(D) ହରିଜନ, ଅମୃତର ସନ୍ତାନ, ଦାନାପାଣି, ମାଟି ମଟାଳ

59. କାଳାନୁକ୍ରମରେ ସଜାଇ ଲେଖ ।

(A) ଉତ୍କଳ ସାହିତ୍ୟ, ସତ୍ୟବାଦୀ, ମୁକୁର, ଉତ୍କଳ ପ୍ରଭା,

(B) ସତ୍ୟବାଦୀ, ମୁକୁର, ଉତ୍କଳ ସାହିତ୍ୟ, ଉତ୍କଳ ପ୍ରଭା

(C) ମୁକୁର, ସତ୍ୟବାଦୀ, ଉତ୍କଳ ପ୍ରଭା, ଉତ୍କଳ ସାହିତ୍ୟ

(D) ଉତ୍କଳ ପ୍ରଭା, ଉତ୍କଳ ସାହିତ୍ୟ, ମୁକୁର, ସତ୍ୟବାଦୀ

60. 'କ' ସ୍ତମ୍ଭ ସହିତ 'ଖ' ସ୍ତମ୍ଭର ସଂପର୍କ ସ୍ଥାପନ କର ।

| **'କ' ସ୍ତମ୍ଭ** | **'ଖ' ସ୍ତମ୍ଭ** |
|---|---|
| (a) ଆଶା | (i) ବୈକୁଣ୍ଠନାଥ ଦେ |
| (b) ସମ୍ବାଦ ବାହିକା | (ii) ଶଶୀଭୂଷଣ ରଥ |
| (c) ଉତ୍କଳ ସାହିତ୍ୟ | (iii) ଫକୀରମୋହନ ସେନାପତି |
| (d) ଉତ୍କଳ ଦର୍ପଣ | (iv) ବିଶ୍ୱନାଥ କର |

| | (a) | (b) | (c) | (d) |
|---|---|---|---|---|
| (A) | (i) | (ii) | (iii) | (iv) |
| (B) | (iii) | (iv) | (ii) | (i) |
| (C) | (iv) | (iii) | (ii) | (i) |
| (D) | (ii) | (iii) | (iv) | (i) |

61. 'କ' ସ୍ତମ୍ଭ ସହିତ 'ଖ' ସ୍ତମ୍ଭର ସଂପର୍କ ସ୍ଥାପନ କର ।

| 'କ' ସ୍ତମ୍ଭ | 'ଖ' ସ୍ତମ୍ଭ |
|---|---|
| (a) ଆମସ ସଟନ | (i) The Archaeological Survey of Mayurbhanj |
| (b) ବିଜୟଚନ୍ଦ୍ର ମଜୁମଦାର | (ii) Introductory Grammar of the Oriya Literature |
| (c) ୱିଲିୟମ ୱିଲସନ ହ୍ୱଣ୍ଟର | (iii) Typical Selections from Oriya Literatures |
| (d) ନଗେନ୍ଦ୍ରନାଥ ବସୁ | (iv) Orissa |

| | (a) | (b) | (c) | (d) |
|---|---|---|---|---|
| (A) | (ii) | (iii) | (iv) | (i) |
| (B) | (i) | (ii) | (iii) | (iv) |
| (C) | (iii) | (iv) | (i) | (ii) |
| (D) | (iv) | (iii) | (ii) | (i) |

62. 'କ' ସ୍ତମ୍ଭ ସହିତ 'ଖ' ସ୍ତମ୍ଭର ସଂପର୍କ ସ୍ଥାପନ କର ।

| 'କ' ସ୍ତମ୍ଭ | 'ଖ' ସ୍ତମ୍ଭ |
|---|---|
| (a) ଧୋବୀ | (i) ମାଟିର ମଣିଷ |
| (b) ଉମା | (ii) ନୀଳଶୈଳ |
| (c) ଶରଦେଇ | (iii) ରଘୁ ଅରକ୍ଷିତ |
| (d) ହ୍ୱାରାବୋଉ | (iv) ଶାସ୍ତି |

| | (a) | (b) | (c) | (d) |
|---|---|---|---|---|
| (A) | (iv) | (iii) | (ii) | (i) |
| (B) | (i) | (ii) | (iii) | (iv) |
| (C) | (ii) | (iii) | (iv) | (i) |
| (D) | (iii) | (iv) | (i) | (ii) |

63. 'କ' ସ୍ତମ୍ଭ ସହିତ 'ଖ' ସ୍ତମ୍ଭର ସଂପର୍କ ସ୍ଥାପନ କର ।

| 'କ' ସ୍ତମ୍ଭ | 'ଖ' ସ୍ତମ୍ଭ |
|---|---|
| (a) କେଦାର ଗୌରୀ | (i) ଆପୋଲୋ ଡାଫନୀ |
| (b) ଚନ୍ଦ୍ରଭାଗା | (ii) ଆଟଲାଣ୍ଟା ରେସ |
| (c) ନନ୍ଦିକେଶ୍ୱରୀ | (iii) ପିରାମିସ୍ ଥିସବି |
| (d) ଉଷା | (iv) ସିଜ ଅଫ କରିନ୍ଥ |

| | (a) | (b) | (c) | (d) |
|---|---|---|---|---|
| (A) | (i) | (ii) | (iii) | (iv) |
| (B) | (iii) | (i) | (iv) | (ii) |
| (C) | (ii) | (iii) | (i) | (iv) |
| (D) | (i) | (iv) | (iii) | (ii) |

64. 'କ' ସ୍ତମ୍ଭ ସହିତ 'ଖ' ସ୍ତମ୍ଭର ସଂପର୍କ ସ୍ଥାପନ କର ।

| 'କ' ସ୍ତମ୍ଭ | 'ଖ' ସ୍ତମ୍ଭ |
|---|---|
| (a) ଛକଡ଼ି | (i) ନୀଳଶୈଳ |
| (b) ଚିତ୍ରକଳା | (ii) ନରକିନ୍ନର |
| (c) ଜଗୁନି | (iii) ମାଟିର ମଣିଷ |
| (d) ଜର୍ଜ | (iv) ମାମୁ |

| | (a) | (b) | (c) | (d) |
|---|---|---|---|---|
| (A) | (i) | (ii) | (iii) | (iv) |
| (B) | (iii) | (iv) | (i) | (ii) |
| (C) | (i) | (iii) | (iv) | (ii) |
| (D) | (iv) | (iii) | (ii) | (i) |

**65.** 'କ' ସ୍ତମ୍ଭ ସହିତ 'ଖ' ସ୍ତମ୍ଭର ସଂପର୍କ ସ୍ଥାପନ କର ।

| **'କ' ସ୍ତମ୍ଭ** | **'ଖ' ସ୍ତମ୍ଭ** |
|---|---|
| (a) ଉତ୍କଳ ଭାରତୀ | (i) ହରେକୃଷ୍ଣ ମହତାବ |
| (b) ଉତ୍କଳ ଗୌରବ | (ii) ବିଜୟାନନ୍ଦ ପଟ୍ଟନାୟକ |
| (c) ଉତ୍କଳ କେଶରୀ | (iii) କୁନ୍ତଳାକୁମାରୀ ସାବତ |
| (d) ଉତ୍କଳ ପୁତ୍ର | (iv) ମଧୁସୂଧନ ଦାସ |

| | (a) | (b) | (c) | (d) |
|---|---|---|---|---|
| (A) | (i) | (ii) | (iii) | (iv) |
| (B) | (ii) | (iii) | (iv) | (i) |
| (C) | (iii) | (iv) | (i) | (ii) |
| (D) | (iv) | (iii) | (ii) | (i) |

**66.** ଜାକ ଡେରିଡା କେଉଁ ତତ୍ତ୍ୱର ପ୍ରବକ୍ତା ?

(A) ଉତ୍ତର ଆଧୁନିକ

(B) ଉତ୍ତର ଔପନିବେଶିକ

(C) ବିଘଟନ

(D) ନାରୀ ବାଦୀ

**67.** ଭର୍ଜିନିଆ ଉଲଫଙ୍କ ରଚନା କେଉଁ ଧରଣର ?

(A) ନନ୍ଦନତତ୍ତ୍ୱବାଦୀ

(B) ବିଘଟନବାଦୀ

(C) ସମାଜବାଦୀ

(D) ନାରୀବାଦୀ

**68.** କେଉଁଟି ପାଠାଲୋଚନା (Textual Criticism) ର ଅନ୍ତର୍ଗତ ନୁହେଁ ?

(A) ଲିଖିତ ପାଣ୍ଡୁଲିପି

(B) ଖୋଦିତ ପାଣ୍ଡୁଲିପି

(C) ମୁଦ୍ରିତ ପୁସ୍ତକ

(D) ଶିଳା ଲେଖ

**69.** ରୂପତାତ୍ତ୍ୱିକ ଆଲୋଚନା ପଦ୍ଧତିର ଅନ୍ୟତମ ପ୍ରବକ୍ତା କିଏ ?

(A) ରେନେୱାଲେକ୍

(B) ଲରିହ୍ୱାଙ୍କୋ

(C) ମିଖାଇଲ ବାଖତିନ

(D) ଗାୟତ୍ରୀ ସ୍ପିଭାକ

**70.** 'ଟ୍ରାଜେଡ଼ି ତତ୍ତ୍ୱ'ର ମୂଳ ଗ୍ରନ୍ଥ କ'ଣ ?

(A) ପୋଏଟିକସ୍

(B) ପଲିଟିକ୍ସ

(C) ଏସ୍ଥେଟିକ୍ସ

(D) ମ୍ୟାଥମେଟିକ୍ସ

ପାରିପାର୍ଶ୍ୱିକ ସମାଜ ଓ ବାତାବରଣରୁ ସାହିତ୍ୟ ପ୍ରାଣଶକ୍ତି ଆହ୍ୱାରଣ କରିଥାଏ । ଆମ୍ଭମାନଙ୍କର ଜାତୀୟ୍ ଜୀବନରେ ସ୍ପନ୍ଦନ, ଘୂର୍ଣ୍ଣନ ଓ ମନ୍ଥନର ଅଭାବ ଯେଉଁ ସ୍ଥୂଳ ଜଡ଼ତା ସୃଷ୍ଟି କରିଛି, ସାହିତ୍ୟରେ ତାହାହିଁ, କେବଳ ପ୍ରତିଭାତ ହୋଇଛି । ସାଂପ୍ରତିକ ସାହିତ୍ୟ କୌଣସି ନୂତନ ଭାବଧାରା ଓ ଚେତନାର ବାହନ ହୋଇ ପାରି ନାହିଁ । ବକ୍ତବ୍ୟ ଅଭାବରେ ଶୈଳୀ ଓ ଆଙ୍ଗିକ ହିଁ କେବଳ ହୋଇ ପାରିଛି ସାହିତ୍ୟର ପୁଞ୍ଜି । ସେଥିପାଇଁ ସାହିତ୍ୟ ଯେ ସମାଜଠାରୁ ସଂପର୍କଚ୍ୟୁତ ହୋଇ ପଡ଼ିଛି, ସେଥିରେ ବିସ୍ମିତ ହେବାର କିଛି ନାହିଁ । କିନ୍ତୁ ଆଙ୍ଗିକର ସବୁ ଚମତ୍କାରିତା ସତ୍ତ୍ୱେ, ବକ୍ତବ୍ୟ ହିଁ କାଳାତିଶାୟୀ ସାହିତ୍ୟର ପ୍ରାଣ । ସାହିତ୍ୟରେ ଶବ୍ଦସବୁ କେବଳ ଶବ୍ଦ ନୁହନ୍ତି – ସେମାନେ ଗୋଟିଏ ଗୋଟିଏ ଭାବ ସ୍ପନ୍ଦନ ବା ଆଇଡ଼ିଆର ପ୍ରତିରୂପ । ସାହିତ୍ୟର ତେଣୁ ଯଦି ବକ୍ତବ୍ୟ ବା ଭାବସ୍ପନ୍ଦନ ନ ରହିଲା, ତାହେଲେ ସେସବୁ ମନୋରଞ୍ଜନଧର୍ମୀ ରଚନା ବା ଅନ୍ୟକିଛି ହୋଇପାରେ, କିନ୍ତୁ ସାହିତ୍ୟ ପଦବାଚ୍ୟ ହୋଇ ପାରିବ ନାହିଁ କିମ୍ବା ପାଠକର ଚେତନାରେ ରେଖାପାତ କରି ପାରିବ ନାହିଁ ।

(ଉପରଲିଖିତ ପରିଚ୍ଛେଦଟି ପଢ଼ି **71** ରୁ **75** ପର୍ଯ୍ୟନ୍ତ ପ୍ରଶ୍ନର ଉତ୍ତର ଦିଅ ।)

**71.** ପାରିପାର୍ଶ୍ୱିକ ସମାଜ ଓ ବାତାବରଣରୁ ସାହିତ୍ୟ କ'ଣ ଆହରଣ କରିଥାଏ ?

(A) କଳା ଶକ୍ତି

(B) ଆତ୍ମ ଶକ୍ତି

(C) ପ୍ରାଣ ଶକ୍ତି

(D) ରସ ଶକ୍ତି

**72.** କି ପ୍ରକାର ଜଡ଼ତା ଆମ୍ଭମାନଙ୍କର ଜାତୀୟ୍ ଜୀବନରେ ସୃଷ୍ଟି ହୋଇଛି ?

(A) ଶୁଷ୍କ ଜଡ଼ତା

(B) ସୂକ୍ଷ୍ମ ଜଡ଼ତା

(C) ସ୍ଥୂଳ ଜଡ଼ତା

(D) ବୁଦ୍ଧି ଜଡ଼ତା

**73.** କାହାର ଅଭାବରେ ସାହିତ୍ୟର ପୁଞ୍ଜି ହୋଇଛି ଶୈଳୀ ଓ ଆଙ୍ଗିକ ?

(A) ପାଠକର ଅଭାବରେ

(B) ପ୍ରକାଶକର ଅଭାବରେ

(C) ବକ୍ତବ୍ୟର ଅଭାବରେ

(D) କଳ୍ପନାର ଅଭାବରେ

**74.** 'ଆଇଡିଆର ପ୍ରତିରୂପ' ଭାବେ କାହାକୁ ଅଭିହିତ କରାଯାଇଛି ?

(A) ଶୈଳୀକୁ

(B) ଆଙ୍ଗିକକୁ

(C) କୃତିକୁ

(D) ଶବ୍ଦକୁ

**75.** ସାହିତ୍ୟରେ କ'ଣ ରହିଲେ ତାହା 'ସାହିତ୍ୟ' ପଦବାଚ୍ୟ ହୁଏ ?

(A) ଆଙ୍ଗିକ ସୌନ୍ଦର୍ଯ୍ୟ

(B) ବ୍ୟାପ୍ତ ଅନୁଭବ

(C) ତୀକ୍ଷ୍ଣ ବିଶ୍ଳେଷଣ

(D) ଭାବ ସ୍ପନ୍ଦନ

**Space For Rough Work**